# Akashvani, Sambalpur

## SAMBALPURI NEWS EVENING BULLETIN

## 9 September 2024- 7.02 pm- 7.12 pm.

*********************************************

୧- କୋରାପୁଟ୍ ଆଉ ମାଲ୍‌କାନ୍‌ଗିରି ଜିଲ୍ଲା ନ ବର୍ଷା ଲାଗି ହେଇଥିବା ନୁକ୍‌ସାନ୍ ବାବ୍‌ଦେ ରାଜସ୍ୱ ମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

- ଜବର୍ ବର୍ଷା ନେଇକରି ୧୦ ଟା ଜିଲ୍ଲାକେ ସତର୍କ ସୂଚନା ଜାରି କଲା ପାଣିପାଗ୍ ବିଭାଗ୍ ।

୨- ସମ୍ବଲପୁର ଠାନେ ସାଧାରଣ୍ ଲୁକ୍‌କୁ ଭେଟିକରି ଅଭିଯୋଗ୍ ଶୁନ୍‌ଲେ ମୁଖ୍ୟମନ୍ତ୍ରୀ ।

୩- ବୌଦ୍ଧ ଜିଲ୍ଲାର୍ ଚରିଆପାଲି ଠାନେ ସାଁପ୍ ଚାବ୍‌ବାର୍‌ନୁ ୩ ଝନ୍ ଟୁକେଲ୍ ଛୁଆଙ୍କର୍ ଗଲା ଜୀବନ୍ ।

ଆଉର୍

୪- ରାଏଜେ ମଙ୍କିପକ୍ସ ସଂକ୍ରମଣ୍ ନେଇକରି ସ୍ୱାସ୍ଥ୍ୟବିଭାଗ୍ ତର୍‌ଫୁ ସତର୍କତା ଜାରି ।

ବନ୍ୟା - ମୁଖ୍ୟମନ୍ତ୍ରୀ ଆଲୋଚନା ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨ ଦିନିଆ ସମ୍ବଲ୍ପୁର୍ ଗସ୍ତନୁ ଫିର୍ବାର୍ ସମିଆଥି ଆଏଜ୍ ଭୁବନେଶ୍ୱର୍ ଠାନେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ସହେତେ କୋରାପୁଟ୍ ଆଉ ମାଲ୍କାନ୍ଗିରି ଜିଲ୍ଲା ନ ଅତିପ୍ରବଲ୍ ବର୍ଷା ନୁ ହେଇଥିବା କ୍ଷୟକ୍ଷତି ବାବ୍ଦେ ଆଲୋଚନା କରିଛନ୍ । ଇତାର୍ସହେତେ ମୁଖ୍ୟମନ୍ତ୍ରୀ ବଙ୍ଗୋପ୍ସାଗର୍ ନ ବନିଥିବାର୍ ଲଘୁଚାପ୍ର ବଲେ ସମୁଦ୍ରକୂଲିଆ ଜିଲ୍ଲାମାନ୍କେ ସମ୍ଭାବ୍ୟ ବର୍ଷା ଲାଗି ନିଆଯାଇଥିବା ସତର୍କତା ମୂଲକ୍ ପଦକ୍ଷେପ୍ ବାବ୍ଦେ ଭିଲ୍ ରାଜସ୍ୱ ମନ୍ତ୍ରୀଙ୍କର୍ ସହେତେ ଆଲୋଚନା କରିଥିଲେ ।

କୋରାପୁଟ୍ ଆଉ ମାଲ୍କାନ୍ଗିରି ଜିଲ୍ଲାର୍ ବହୁତ୍ଟେ ଜାଗା ନ ବର୍ଷା ପାଏନ୍ ଲାଗି ଯା'ଆସ୍ଥି ବାଧା ଆସିଛେ । ଇ ସମସ୍ୟାର୍ ସମାଧାନ୍ ଲାଗି ଜଲ୍ଦି ପଦକ୍ଷେପ୍ ନେବାର୍କେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଆଉ ଦୁହି ଜିଲ୍ଲାପାଲ୍ମାନ୍କୁ ପଦକ୍ଷେପ୍ ନେବାର୍କେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ହେନ୍ତା ଆଏବା ୪୮ ଘଂଟା ଭିତ୍ରେ ଜବର୍ ବର୍ଷାର୍ ଅନୁମାନ୍ ଥିବାର୍ନୁ ଜିଲ୍ଲାପାଲ୍ମାନ୍କୁ ଆଗୁଆ ତୟାର୍ ରହେବାର୍କେ ମୁଖ୍ୟମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ଥି ମାଲ୍କାନ୍ଗିରି ଜିଲ୍ଲା

ପ୍ରଶାସନ୍‌କେ ସହଯୋଗ୍ କର୍‌ବାର୍ ଲାଗି ଅଗ୍ନିଶମ ଆଉ ଗୃହରକ୍ଷୀ ବାହିନୀ ମହାନିର୍ଦ୍ଦେଶକ୍ ସୁଧାଂଶୁ ଷଡ଼ଙ୍ଗୀ ଆଉ ସାମାଜିକ୍ ସୁରକ୍ଷା ଆର୍ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ବିଷ୍ଣୁପଦ ସେଠୀ ମାଲ୍‌କାନ୍‌ଗିରି ବାହାରିଛନ୍ ।

ପାଣିପାଗ/ହାଇ ଆଲର୍ଟ ଆର୍‌ଏନ୍‌ୟୁ/ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଅବପାତ୍ କ୍ଷେତ୍ରର୍ ବଲେ ଆଏବା ୪୮ ଘଂଟା ଭିତ୍‌ରେ ସମୁଦ୍ରକୁଲିଆ ଜିଲ୍ଲାମାନ୍‌କେ ଅତିପ୍ରବଲ୍ ବର୍ଷା ହେବା । ଆଏବା କାଏଲ୍‌ତକ୍ ଜବର୍ ବର୍ଷାର୍ ଅନୁମାନ୍ ଥିବାର୍‌ନୁ ୧୨ ଟା ଜିଲ୍ଲାକେ ଅରେଞ୍ଜ୍ ଆଉ ୮ ଟା ଜିଲ୍ଲାକେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ୟଲୋ ୱାର୍ଣ୍ଣିଂ ଜାରି କରାଯାଇଥିବାର୍ ଜିଲ୍ଲାମାନ୍‌କର୍ ଭିତ୍‌ରେ ବଲାଙ୍ଗିର୍, ବୌଦ୍ଧ, କନ୍ଧମାଲ୍ ଆଉ ଦକ୍ଷିଣ୍ ଓଡ଼ିଶାର୍ କିଛି ଜିଲ୍ଲା ରହିଛେ । ଇ ଜିଲ୍ଲାମାନ୍‌କର୍ ଭିତ୍‌ରୁ କେତେଟା ଜାଗା ନ ୨୦ ସେଂଟିମିଟର୍‌ତକ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ ଆଗୁଆ ଅନୁମାନ୍ କରାଯାଇଛେ । ଖାସ୍‌କରି ମାଲ୍‌କାନ୍‌ଗିରି, କୋରାପୁଟ୍, ରାୟଗଡ଼ା,

ଗଜପତି ଆଉ ଗଞ୍ଜାମ୍ ଜିଲ୍ଲାକେ ସତର୍କ ରହେବାର୍ ଲାଗି କୁହାଯାଇଛେ । ଲଗାଏତ୍ ବର୍ଷା ଲାଗି ତଲିଆ ଅଂଚଲ୍ ନ ପାନି ଜମ୍‌ବାର୍ ସମ୍ଭାବନା ଥିବାର୍‌ନୁ ହାଇ ଆଲର୍ଟ ରହେବାର୍‌କେ ଗୃହନିର୍ମାଣ୍, ନଗର୍ ଉନ୍ନୟନ୍ ବିଭାଗ୍‌ର ସଚିବ ଉଷା ପାଢ଼ୀ ସବୁ ମହାନଗର୍ ନିଗମ୍ କମିଶନର୍ ଆର୍ ପୌର ନିର୍ବାହୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଶ୍ରୀମତୀ ପାଢ଼ୀ ଆଏଜ୍ ଭିନ୍ ଭିନ୍ ଜିଲ୍ଲାର୍ ଦାୟିତ୍ୱଥି ଥିବା ନୋଡ଼ାଲ୍ ଅଧିକାରୀ ମାନ୍‌କର୍ ବୈଠକ୍‌ଥି ଆଉ ତଲିଆ ଇଲାକାର୍ ଲାଗି ପମ୍ପ୍‌ସେଟ୍ ତୟାର୍ ରଖିବାର୍ ଆଉ ରାସ୍ତାଘାଟ୍ କଟ୍‌ବାର୍ ଉପ୍‌ରେ ନଜର୍ ରଖିବାର୍ ଲାଗି ନିର୍ଦ୍ଦେଶ୍ ଦେଇଥିଲେ ।

ଏସ୍‌ଆର୍‌ସି ସମୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ବୈଠକ୍ ହେଇଥିଲା । ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ଲାଗି ବଢ଼ି ଥିତି ଦେଖାଦେଇଥିବାର୍‌ନୁ ଓଡ୍ରାଫ୍‌ର ୧୮ ଟା ୟୁନିଟ୍‌କେ ବୌଦ୍ଧ, ବଲାଙ୍ଗିର୍, କନ୍ଧମାଲ୍ ଆଉ ଦକ୍ଷିଣ୍ ଓଡ଼ିଶାର୍ ଜିଲ୍ଲାମାନ୍‌କେ ମୁତୟନ୍ କରାଯାଇଥିବାର୍

ବୈଠକ୍‌ନୁ ସୂଚ୍‌ନା ମିଲିଛେ । ହେନ୍ତା ଓଡ୍ରାଫ୍‌ର ଆଉ ୧୨ ଟା ଟିମ୍‌କେ ତୟାର୍ ରଖାଯାଇଛେ ।

ମୁଖ୍ୟମନ୍ତ୍ରୀ ଗସ୍ତ ସମ୍ବଲପୁର ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସମ୍ବଲ୍‌ପୁର୍ ଗସ୍ତର ୨ ନମ୍ବର୍ ଦିନେ ଅଶୋକ୍ ନିବାସ୍ ଠାନେ ସାଧାରଣ୍ ଲୁକ୍‌କୁ ଭେଟ୍‌ବାର୍ ସହେତେ ସେମାନ୍‌କର୍ ଅଭିଯୋଗ୍ ଶୁନିଥିଲେ । ଇତାର୍ ଆଗ୍‌ରୁ ସେ ଉତରାଂଚଲ୍ ରାଜସ୍ୱ କମିଶନର୍, ଆଇ.ଜି., ସମ୍ବଲ୍‌ପୁର୍ ଜିଲ୍ଲାପାଲ୍, ଏସ୍.ପି. ଆଉ ଅଲ୍‌ଗା ଅଧିକାରୀମାନ୍‌କର୍ ସହେତେ ଭିନ୍ ଭିନ୍ ବିଷେଥି ଆଲୋଚନା କରିଥିଲେ ।

ଔଷଧୀୟ ମଶାରୀ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ମେଲେରିଆ ନିୟନ୍ତ୍ରଣ୍ ଲାଗି ଔଷଧୀୟ ମଶାରୀ ବାଂଟ୍‌ବାର୍ ବାବ୍‌ଦେ ଖୋବ୍ ଜଲ୍‌ଦି ନିର୍ଦ୍ଦେଶାବଳୀ ବାହାର୍ କରାଯିବା ବଲି ଜନାପଡ଼ିଛେ । ଇଥିର୍‌ଲାଗି ଜିଲ୍ଲାୱାରି ତାଲିକା ତିଆର୍ କରାଯାଉଛେ । ବୌଦ୍ଧ, କଳାହାଣ୍ଡି, ଗଜପତି, କନ୍ଧମାଲ୍, କୋରାପୁଟ୍, ମାଲ୍‌କାନ୍‌ଗିରି, ରାୟଗଡ଼ା ଜିଲ୍ଲାକେ

ପହେଲାକରି ଇ ଖେପେ ଔଷଧୀୟ ମଶାରୀ ଦିଆଯିବା । ଶହେ ୨୯ କୋଟି ଟଙ୍କା ଖର୍ଚ୍ଚା କରାଯାଇକରି ଓସ୍ମାଡିସ୍ ପାଣ୍ଠିନୁ ଇ ମଶାରୀ ଘିନାଯାଇଥିବାର୍ ଜନାପଡ଼ିଛେ । ଇ ମଶାରୀ ମାନ୍‌କୁ ବାଂଟ୍‌ବାର୍ ଲାଗି ସିଧାସଲଖ୍ ବ୍ଲକ୍‌କେ ଦିଆଯିବା । ଆଉ ୩ ମାସ୍ ଭିତ୍‌ରେ ଲୁକେ ମଶାରି ବେଭାର୍ କର୍‌ବାର୍ ବାଗିର୍ ବ୍ୟବସ୍ଥା କରାଯିବା । ଆଶାକର୍ମୀମାନେ ମଶାରୀ ବେଭାର୍ ବାବ୍‌ଦେ ସୁନିଶ୍ଚିତ୍ କର୍‌ବେ । ଇତାର୍‌ଭିତ୍‌ରେ ଔଷଧୀୟ ମଶାରୀ ବାଂଟ୍‌ବାର୍ ବାବ୍‌ଦେ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ ।

ସାଁପ୍ ଚବା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଟିକର୍‌ପଡ଼ା ଗ୍ରାମ୍ ପଂଚାୟତ୍‌ର ଚରିଆପାଲି ଠାନେ ଗଲାରାତି ସାଁପ୍‌ଚବାଥି ୩ ଝନ୍ ବହେନ୍‌ର ଜୀବନ୍ ଯାଇଥିବାର ଜନାପଡ଼ିଛେ । ଇଥି ଆହତ୍ ଛୁଆମାନ୍‌କର୍ ବାପାଙ୍କୁ ବୁର୍ଲା ଭିମ୍‌ସାର୍ ମେଡ଼ିକାଲ୍ ନ ଭର୍ତି କରାଯାଇଛେ । ତିନ୍‌ହି ବହେନ୍ ଗଲାକାଏଲ୍ ଶୁଇଥିବାର୍ ବେଳେ ସାଁପ୍ ଚାବିଥିଲା । ଇମାନ୍‌କର୍ ରଡ଼ାକିର୍ଲା ଶୁନିକରି ପାଖ୍‌କେ ଆସିଥିବାର୍ ବାପାକେ ଭିଲ୍ ସାଁପ୍ ଚାବିଥିଲା । ପାଖ୍‌ପଡ଼ିଶାର୍ ଲୁକେ ଇ ଚାର୍‌ହି ଝନ୍‌କୁ ବୌଦ୍ଧ

ଡାକ୍ତରଖାନାକେ ନେଇଥିଲେ । ସେନ ତିନ୍‌ହି ବହେନ୍‌କେ ମୃତ ଘୋଷ୍ନା କରାଯାଇଥିଲା ବଲି ଜନାପଡ଼ିଛେ ।

ମଙ୍କି ପକ୍ସ ଆର୍‌ଏନ୍‌ୟୁ/ କଟକ୍

ଦେଶେ ପହେଲା ମଙ୍କି ପକ୍ସ ସଂକ୍ରମଣ୍ ମାମ୍‌ଲା ଚିହ୍ନଟ୍ ହେବାର୍ ଉତ୍‌ରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ପଦକ୍ଷେପ୍ ନିଆଯାଇଛେ । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ବିଜୟ ମହାପାତ୍ର ଇ ବାବ୍‌ଦେ କହିଛନ୍ ଯେ, ରାଜ୍ୟର୍ ସବୁ ପ୍ରବେଶ୍ ପଥ ନ ସତର୍କତା ଜାରି କରାଯାଇଛେ । ପ୍ରଭାବିତ୍ ଇଲାକାନୁ ଆସୁଥିବାର୍ ଲୁକ୍‌କୁ ସଙ୍ଗରୋଧିଥି ରଖାଯାଉଛେ । ଲୁକ୍‌କୁ ନାଇଁ ଡର୍‌ବାର୍ ଲାଗି ଭିଲ୍ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ପରାମର୍ଶ ଦେଇଛନ୍ ।

ମନ୍ କି ବାତ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୪

ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଆଏବା ୨୭ ତାରିଖ୍‌ତକ୍ ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ଲୁକେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ପଠେଇପାର୍‌ବେ । ଇତାର୍‌ଛଡ଼ା ୧୯୨୨ ଫୋନ୍ ନମ୍ବର୍‌ଥି ମିସ୍‌ଡ୍ ଦେଇକରି ଭିଲ୍ ଏସ୍‌ଏମ୍‌ଏସ୍ ଜରିଏ ମିଲିପାରୁଥିବା ଲିଙ୍କ୍‌ଥି ଭିଲ୍ ସନ୍ଦେଶ୍ ଦେଇପାର୍‌ବେ । ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍ ଜରିଏ ଅନ୍‌ଲାଇନ୍‌ଥି ସନ୍ଦେଶ୍ ଦିଆଯାଇପାର୍‌ବା ।

ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ଓ୍ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍  ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଅତିରିକ୍ତ ମହାନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ୍   ଆର୍‌ଏନ୍‌ୟୁ/ କଟକ୍

୧୯୯୯ ବେଚ୍‌ର ଭାରତୀୟ ସୂଚନା ସେବା - ଆଇଆଇଏସ୍‌ର ବରିଷ୍ଠ ଅଧିକାରୀ ଅଖିଲ କୁମାର୍ ମିଶ୍ର କେନ୍ଦ୍ର

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର୍ ଅଧୀନ୍ ଭୁବ୍‌ନେଶ୍ୱର୍, ପତ୍ରସୂଚନା କାର୍ଯ୍ୟାଳୟ ଆର୍ କେନ୍ଦ୍ରୀୟ ସଂଚାର୍ ବ୍ୟୁରୋର ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ୍ କରିଛନ୍ । ସେ ଓଡ଼ିଶାର୍ ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର୍ ଜେନେରାଲ୍ ଭାବେ ଭିଲ୍ କାମ୍ କର୍‌ବେ । ଇତାର୍‌ଛଡ଼ା ଶ୍ରୀ ମିଶ୍ର ଝାର୍‌ଖଣ୍ଡ୍‌ର ଅତିରିକ୍ତ ଦାୟିତ୍ୱ ଭିଲ୍ ନିର୍ବାହ କର୍‌ବେ ।

ଶ୍ରୀ ମିଶ୍ର ଆଗ୍‌ରୁ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର୍ ଆକାଶ୍‌ବାଣୀ, ଦୂରଦର୍ଶନ୍, ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ୍, ପି.ଆଇ.ବି., ସି.ବି.ସି. ବାଗିର୍ ଗୁରୁତ୍ୱପୂର୍ଣ୍ଣ ବିଭାଗ୍‌ଥି ଦକ୍ଷତାର୍ ସହେତେ କାମ୍ କରିଛନ୍ । ଝନେ ଗବେଷକ ଭାବେ ସେ ଆମେରିକାର୍ ବର୍କଲେ ଆର୍ ମେରିଲେଣ୍ଡ୍ ଆର୍ ଅଷ୍ଟ୍ରେଲିଆର କୁଇନ୍ସଲାଣ୍ଡ ବିଶ୍ୱବିଦ୍ୟାଳୟ ପରିଭ୍ରମଣ୍ କରିଛନ୍ । ସେ ଝନେ ପ୍ରତିଷ୍ଠିତ କବି ଭାବେ ସୁପରିଚିତ ଆଉ ତାଙ୍କର ବହୁତ୍‌ଟେ କାବ୍ୟକୃତି ପାଠକୀୟ ଆଦୃତି ଲାଭ କରିଛେ ।

ଷଠି ପୂଜା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ସୋମ୍‌ନାଥ ବ୍ରତ ଆଉ ଷଠି ଉଷା । ଛୁଆମାନ୍‌କର୍ ଦୀର୍ଘାୟୁ କାମନା କରିକରି ମା ମାନେ ଷଠି ଉଷାଥି ଷଠି

ଦେବୀଙ୍କୁ ପୂଜା କର୍‌ସନ୍ । ଭୁଦୋ ମାସର୍ ଉଜଲ୍‌ପଖର୍ ଷଷ୍ଠୀ ତିଥି ନ କରାଯାଉଥିବାର୍ ଇ ପୂଜାଥି ଶିଳ - ଶିଲ୍‌ପୁଆଥି ହଲ୍‌ଦି ଲାଗି କରାଯାଇକରି ଦେବୀଙ୍କୁ ଆବାହନ୍ କରାଯାଏସି । ଇଥି ୬ ପ୍ରକାର୍ ନୈବେଦ୍ୟ ସହେତେ ୬ ପ୍ରକାର୍‌ର ଫଲ୍ ଫୁଲ୍ ଭିଲ୍ ପୂଜା କରାଯାଏସି । ଷଠି ଉଷାର୍ ଲାଗି ମହଲାମାନେ ଗଲାକାଏଲ୍‌ନୁ ତୟାରି ପୁରା କରିଛନ୍ ।

ସୁଭଦ୍ରା ଯୋଜ୍‌ନା ସମୀକ୍ଷା- ବୌଦ୍ଧ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ସୁଭଦ୍ରା ଯୋଜ୍‌ନାର୍ କାର୍ଯ୍ୟକାରିତା ବାବ୍‌ଦେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ସୁଭଦ୍ରା ଯୋଜ୍‌ନାଥି ମହିଳାମାନେ କେନ୍ତେଇ ଜଲ୍‌ଦି ଆବେଦନ୍ କରିପାର୍‌ବେ, ସେ ବାବ୍‌ଦେ ଜିଲ୍ଲାପାଲ୍ ବୈଠକ୍‌ଥି ଜୋର୍ ଦେଇଥିଲେ । ସବୁ ଜନସେବା କେନ୍ଦ୍ର ମାନ୍‌କେ ଅନ୍‌ଲାଇନ୍ ଜରିଏ ସୁବିଧା ଉପଲବ୍ଧ କରାଯିବାର୍ ଉପ୍‌ରେ ଭିଲ୍ ସେ ଜୋର୍ ଦେଇଛନ୍ । ବୈଠକ୍‌ଥି ଯୋଜ୍‌ନାର୍ ନୋଡ଼ାଲ୍ ଅଫିସର୍ ଆଉ ଅତିରିକ୍ତ ଜିଲ୍ଲାପାଲ୍ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଯୁକ୍ତ ଦୁଇ ପରୀକ୍ଷା -ସିସିଟିଭି ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫ଥି ହେବାର୍‌କେ ଥିବାର୍ ଯୁକ୍ତ ଦୁଇ ପ୍ରାକ୍ଟିକାଲ୍ ଆଉ ଥିଓରି ପରୀକ୍ଷା ଲାଗି ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ତୟାରି ମୁଲ୍ ହେଇଛେ । ପରୀକ୍ଷା ଆଘୋନୁ ପରୀକ୍ଷା କେନ୍ଦ୍ରମାନ୍‌କେ ସିସିଟିଭି ଲଗାବାର୍ ଆର୍ ଆଘ୍‌ରୁ ଲାଗିଥିବା ସିସିଟିଭି ଯାଂଚ୍ କରିକରି ରିପୋର୍ଟ ଦେବାର୍‌କେ ସବୁ ଉଚ୍ଚମାଧ୍ୟମିକ ସ୍କୁଲ୍‌ମାନ୍‌କୁ ପରିଷଦ୍‌ର ଅଧ୍ୟକ୍ଷ ଚିଠି ଲେଖିଛନ୍ । ପରୀକ୍ଷାକେ ସ୍ୱଚ୍ଛ ଆଉ ସହଜ୍ କର୍‌ବାର୍, ପରିଚାଲନା ହବ୍, ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଂଟ୍‌ଙ୍କର୍ କାର୍ଯ୍ୟାଳୟ, ପରୀକ୍ଷା ହବ୍ ଆର୍ ସେଲ୍ଫ ଫାଇନାନ୍ସି କଲେଜ୍‌ର ସବୁ ଲେବୋଟୋରି ନ ସିସିଟିଭି ଲଗାବାର୍‌କେ ଧରାବନ୍ଧା କରାଯାଇଛେ ।

ଶ୍ରୀମନ୍ଦିର୍ ଶ୍ରୀକୃଷ୍ଣ ଲୀଳା ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ମହାପ୍ରଭୁ ଶ୍ରୀକୃଷ୍ଣଙ୍କର୍ ଲୀଳା ଜାରି ରହିଛେ । ଆଏଜ୍ ବିମ୍ବାସୁର ବଧ ନୀତି ହେବା । ସନ୍ଧ୍ୟାଧୂପ ନୀତି ଉଟ୍‌ରୁ ମଦନ୍‌ମୋହନ୍ ନାଟମଣ୍ଡପ ମନ୍ଦିର୍ ଖଟଶେଯ

ଉପ୍‌ରେ ବିଜେ କର୍‌ବାର୍ ସହେତେ ସେଠାନେ ବିମ୍ବାସୁର ବଧ ନୀତି ହେବା । ଶ୍ରୀକୃଷ୍ଣ ବିମ୍ବାସୁରଙ୍କୁ ବଧ କଲା ଉତ୍‌ରୁ ଶୀତଳ ଭୋଗ କରାଯିବା । ପଛେ ଠାକୁର ଦକ୍ଷିଣ ଘରକେ ବିଜେ କର୍‌ବେ । ଶ୍ରୀକୃଷ୍ଣ ଲୀଳାର୍ ଇଟା ଆଉ ଗୁଟେ ଅଧ୍ୟାୟ ଆଏ । ଶ୍ରୀକୃଷ୍ଣଙ୍କର୍ ଇ ଲୀଳାକେ ମନେ ପକେଇକରି ଆଏଜ୍ ଇ ନୀତି ପାଲନ୍ ସହେତେ ମହାଲକ୍ଷ୍ମୀଙ୍କର୍ ମନ୍ଦିର୍ ନ କୁକ୍କୁଟୀ ବ୍ରତ ନୀତି ପାଲନ୍ କରାଯାଇଛେ ।

ଆଂଚଲିକ୍ କୃଷି ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉନ୍ନତ୍ କୃଷି ଯନ୍ତ୍ରପାତି ବେଭାର୍ ବାବ୍‌ଦେ ଚାଷୀମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ବଛର୍ ବଲାଙ୍ଗିର୍, ଜୟପୁର୍, କେନ୍ଦୁଝର୍ ଆଉ ବ୍ରହ୍ମପୁର୍ ଠାନେ ୪ ଟା ଆଂଚଲିକ୍ କୃଷକ୍ ମେଳା ଆୟୋଜନ୍ କରାଯିବା । ଇତାର୍‌ବାହାରେ ୨୬ ଟା ଜିଲ୍ଲାସ୍ତରୀୟ ଆଉ ୨୮ ଟା ସବ୍‌ଡିଭିଜନ୍‌ସ୍ତରୀୟ କୃଷିମେଳା ଆୟୋଜନ୍ କରାଯିବା ବଲି କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଠିକ୍‌ନା କରାଯାଇଛେ । ଚଲ୍‌ତି ଆର୍ଥିକ୍ ବଛ୍‌ରେ ୮୪ ହଜାର୍ ୪ ଶହ ୭ ଟା କୃଷି ଯନ୍ତ୍ରପାତି ଯୁଗାବାର୍ ଲାଗି ୩ ଶହ ୯୦ କୋଟି ଟଙ୍କାର୍ ସାହାଜ୍ ଲକ୍ଷ୍ୟ

ରଖାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂଦେଓ ସୂଚ୍ନା ଦେଇଛନ୍ ।

ରେଲ୍ କର୍ମଚାରୀ ସମ୍ବର୍ଦ୍ଧିତ ଆର୍ଏନ୍ୟୁ/ ସମ୍ବଲପୁର

ସତର୍କତା ଆଉ ଉଲ୍ଲେଖନୀୟ କାମ୍ ଲାଗି ସମ୍ବଲ୍ପୁର୍ ରେଲ୍ ଡିଭିଜନ୍ ତର୍ଫୁ ୧୦ ଝନ୍ କର୍ମଚାରୀଙ୍କୁ ଆଏଜ୍ ପୁରସ୍କୃତ୍ କରାଯାଇଛେ । ମଣ୍ଡଳ ରେଲ୍ ପ୍ରବନ୍ଧକ୍ ତୁଷାରକାନ୍ତ ପାଣ୍ଡେ ଇ ଅଧିକାରୀ ଆଉ କର୍ମଚାରୀମାନ୍କୁ ପ୍ରଶସ୍ତିପତ୍ର ଦେଇକରି ସମ୍ମାନିତ୍ କରିଥିଲେ ।